# NATIONAL NEWS BULLETIN (ODIA)
## 17 April - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ୱାକଫ୍ ସଂଶୋଧନ ଆଇନ୍ ଉପରେ ଆଜି ଶୁଣାଣି କରିବେ ସୁପ୍ରିମ୍‌କୋର୍ଟର ତିନି ଜଣିଆ ଖଣ୍ଡପୀଠ ।
- ବିଶ୍ୱ ବାଣିଜ୍ୟ କାରବାର ଚଳିତ ବର୍ଷ ହ୍ରାସ ପାଇବା ନେଇ ବିଶ୍ୱ ବାଣିଜ୍ୟ ସଂଗଠନର ପୂର୍ବାନୁମାନ ।
- ବିହାରରେ ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଆର୍.ଜେ.ଡି. ଓ କଂଗ୍ରେସ ମହାମେଣ୍ଟର ଆଜି ହେବ ଗୁରୁତ୍ୱପୂର୍ଣ୍ଣ ବୈଠକ ।
- ଚଳିତ ମାସ ୨୧ ତାରିଖରୁ ୪ ଦିନିଆ ଭାରତ ଗସ୍ତରେ ଆସିବେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସୁପର୍ ଓଭର୍ ଜରିଆରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍ସ ।

## ଏସ୍‌ସି-ୱାକଫ୍

ୱାକଫ୍ ସଂଶୋଧନ ଆଇନ୍ ୨୦୨୫ ଉପରେ ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ ପଚାରିଥିବା ତିନୋଟି ପ୍ରଶ୍ନର ଉତ୍ତର ଦେବା ପାଇଁ କେନ୍ଦ୍ର ସରକାର ଅଧିକ ସମୟ ଲୋଡ଼ିଛନ୍ତି । ଫଳରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ସଂଶୋଧନ ଆଇନ୍ ଉପରେ ଅନ୍ତରିଣ ଆଦେଶକୁ ସ୍ଥଗିତ ରଖିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସଂଜୀବ ଖାନ୍ନା, ଜଷ୍ଟିସ୍ ପି.ଭି. ସଂଜୟ କୁମାର ଏବଂ କେ.ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ୱାକଫ୍ ସଂଶୋଧନ ଆଇନ୍ ୨୦୨୫ ବିରୋଧରେ ଆଗତ ଏକାଧିକ ଆବେଦନର ଶୁଣାଣି କରିଛନ୍ତି । ଗତକାଲି ସୁପ୍ରିମ୍‌କୋର୍ଟ୍‌ରେ ଏହା ଉପରେ ଶୁଣାଣି ହେବା ପରେ ଆଜି ଅପରାହ୍ଣ ୨ଟାରେ ତିନି ଜଣିଆ ଖଣ୍ଡପୀଠରେ ଏହି ମାମଲାର ପୁଣି ଶୁଣାଣି ହେବ ।

## ଡବ୍ଲ୍ୟୁଟିଓ-ଟ୍ରେଡ୍ ଫୋର୍‌କାଷ୍ଟ

ବିଶ୍ୱ ବାଣିଜ୍ୟ ସଂଗଠନ ୨୦୨୫ ଓ ୨୦୨୬ ବର୍ଷ ପାଇଁ ବାଣିଜ୍ୟ ପୂର୍ବାନୁମାନ ଜାରି କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶୁଳ୍କ ବୃଦ୍ଧି ଯୋଗୁଁ ଚଳିତ ବର୍ଷ ବିଶ୍ୱ ବାଣିଜ୍ୟ କାରବାର ହ୍ରାସ ପାଇବ ବୋଲି ପୂର୍ବାନୁମାନ କରାଯାଇଛି । ସଂଗଠନର ମହାନିର୍ଦ୍ଦେଶକ ନୋଜି ଓକୋଞ୍ଜୋ-ଇୱାଲା କହିଛନ୍ତି, ଚୀନ୍-ଆମେରିକା ମଧ୍ୟରେ

ଦେଖାଦେଇଥିବା ବିବାଦ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି । ସେ କହିଛନ୍ତି, ଦୁଇ ଅର୍ଥନୀତି ମଧ୍ୟରେ ବାଣିଜ୍ୟ କାରବାର ୮୧ ପ୍ରତିଶତ ହ୍ରାସ ପାଇବାର ସମ୍ଭାବନା ରହିଛି । ସେ କହିଛନ୍ତି, ଆମେରିକା-ଚୀନ୍ ବାଣିଜ୍ୟରେ ଏଭଳି ପରିସ୍ଥିତି ବିଶ୍ୱ ବାଣିଜ୍ୟ କ୍ଷେତ୍ରକୁ ପ୍ରଭାବିତ କରିବ ।

ଅନ୍ୟ ପକ୍ଷରେ ଚଳିତ ବର୍ଷ ବିଶ୍ୱ ସାମଗ୍ରୀ ବାଣିଜ୍ୟ ପରିମାଣ ଶୂନ୍ ଦଶମିକ୍ ୨ ପ୍ରତିଶତ ହ୍ରାସ ପାଇବା ନେଇ ବିଶ୍ୱ ବାଣିଜ୍ୟ ସଂଗଠନ ପୂର୍ବାନୁମାନ କରିଛି । ତେବେ ବିଶ୍ୱ ଅନେକ ଦେଶ ଗୁଡ଼ିକରେ ଶୁଳ୍କ ଲାଗୁ ଯୋଗୁଁ ବାଣିଜ୍ୟ କାରବାର ୧ ଦଶମିକ୍ ୫ ପ୍ରତିଶତ ହ୍ରାସ ପାଇବାର ସମ୍ଭାବନା ରହିଛି । ସେ କହିଛନ୍ତି, ବିଶ୍ୱର ରପ୍ତାନୀ ଭିତ୍ତିକ ଦେଶ ଗୁଡ଼ିକ କ୍ଷତିର ସମ୍ମୁଖୀନ ହେବାର ସମ୍ଭାବନା ରହିଛି ।

## ଓମ୍ ବିର୍ଲା-କମର୍ସ୍

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ୨୦୪୭ ସୁଦ୍ଧା ଭାରତକୁ ଏକ ସଂପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଭାରତୀୟ ନେତୃତ୍ୱଙ୍କ ଦୃଢ଼ ପ୍ରତିବଦ୍ଧତା ଶିଳ୍ପ ଓ ବାଣିଜ୍ୟର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହାକୁ ସାକାର କରିବା ପାଇଁ ସମସ୍ତ ଅଂଶିଦାରମାନଙ୍କୁ ଶ୍ରୀ ବିର୍ଲା ଆହ୍ୱାନ ଦେଇଛନ୍ତି । ଗତକାଲି

ନୂଆଦିଲ୍ଲୀରେ ଅନୁଷ୍ଠିତ ପିଏଚ୍.ଡି. ଚାମ୍ବର୍ ଅଫ୍ କମର୍ସ୍ ଆଣ୍ଡ ଇଣ୍ଡଷ୍ଟ୍ରିର ୧୨୦ତମ ବାର୍ଷିକୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ବିର୍ଲା କହିଛନ୍ତି, କେନ୍ଦ୍ର ସରକାରଙ୍କ ବିକାଶ ଭିତ୍ତିକ ନୀତି ଶିଳ୍ପଗୁଡ଼ିକୁ ନୂତନ ଶକ୍ତି ଯୋଗାଉଛି ।

ଶ୍ରୀ ବିର୍ଲା କହିଛନ୍ତି, ବର୍ତ୍ତମାନର ଯୁଗ ହେଉଛି, ଅର୍ଥନୈତିକ ସଶକ୍ତିକରଣ ଏବଂ ନୂତନତାର ଯୁଗ । ବିକଶିତ ଭାରତ ୨୦୪୭କୁ ଦୃଷ୍ଟିରେ ରଖି ଦେଶର ବାଣିଜ୍ୟ ନୀତିକୁ ଆହୁରି ସୁଦୃଢ଼ କରାଯାଇଛି ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ବିର୍ଲା ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ଗତିଶକ୍ତି ଏବଂ ଇଲେକ୍ଟ୍ରୋନିକ୍ ବିନିର୍ମାଣ ଉଦ୍ୟୋଗରେ ହେଉଥିବା ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ ।

## ବିହାର-ଗ୍ରାଣ୍ଡ ଆଲିଆନ୍ସ

ବିହାରରେ ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରାଷ୍ଟ୍ରୀୟ ଜନତା ଦଳ ଏବଂ କଂଗ୍ରେସ ନେତୃତ୍ୱାଧୀନ ମହାମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବ । ପାଟନା ସ୍ଥିତ ଆର୍‌ଜେଡି କାର୍ଯ୍ୟାଳୟରେ ହେବାକୁ ଥିବା ଏହି ବୈଠକରେ ବିରୋଧୀ ମେଣ୍ଟର ସମସ୍ତ ୬ଟି ସହଯୋଗୀ ଦଳ ଯୋଗଦେବେ ବୋଲି ଜଣାପଡ଼ିଛି । ଆର୍‌ଜେଡି ନେତା ତେଜସ୍ୱୀ ପ୍ରସାଦ ଯାଦବ, କଂଗ୍ରେସ ରାଜ୍ୟ ପ୍ରଭାରୀ କ୍ରୀଷ୍ଣା ଆଲାଭାରୁ, ବିହାର ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ରାଜେଶ କୁମାର

ଏବଂ ବାମପନ୍ଥୀ ଦଳର ବରିଷ୍ଠ ନେତା ଓ ବିକାଶଶୀଳ ଇନ୍‌ସାନ୍ ପାର୍ଟିର ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ରହିବେ ।

ମହାମେଣ୍ଟର ନେତାମାନେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଆସନ ବଣ୍ଟନ ଏବଂ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଉପରେ ମଧ୍ୟ ବିଚାରବିମର୍ଷ କରିବାର ସମ୍ଭାବନା ରହିଛି । ଇତିମଧ୍ୟରେ ଆର୍.ଜେ.ଡି. ଲାଲୁ ପ୍ରସାଦ ଯାଦବଙ୍କ ପୁଅ ତେଜସ୍ୱୀ ପ୍ରସାଦ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଛି । ଆଜିର ବୈଠକରେ ବିଧାନସଭା ନିର୍ବାଚନକୁ ନେଇ ମହାମେଣ୍ଟର ରଣନୀତି ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି । ଏହା ମହାମେଣ୍ଟର ପ୍ରଥମ ବୈଠକ । ଏଥିରେ ପଶୁପତି କୁମାର ପାରଶଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଲୋକଶକ୍ତି ପାର୍ଟି ମେଣ୍ଟରେ ଯୋଗଦେବା ନେଇ ଆଲୋଚନା ହେବାର ସମ୍ଭାବନା ରହିଛି । ଅନ୍ୟ ପକ୍ଷରେ ବିଧାନସଭା ନିର୍ବାଚନକୁ ନେଇ ଏନ୍.ଡି.ଏ. ମେଣ୍ଟ ଦଳ ଗୁଡ଼ିକ ସହ ବୈଠକ କରିଥିବା ଜଣାପଡ଼ିଛି ।

## ୟୁଏସ୍-ଭିପି ଭିଜିଟ୍

ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଚଳିତ ମାସ ୨୧ ତାରିଖରୁ ୪ ଦିନିଆ ଭାରତ ଗସ୍ତରେ ଆସିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଉପରାଷ୍ଟ୍ରପତି ଭାନ୍ସଙ୍କ ଏହା ପ୍ରଥମ ଭାରତ ଗସ୍ତ ହେବ । ଏହି ଗସ୍ତ ସମୟରେ ସେ ଏପ୍ରିଲ୍ ୨୧ ତାରିଖ ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବେ ।

ଉପରାଷ୍ଟ୍ରପତି ଓ ତାଙ୍କ ପ୍ରତିନିଧି ଦଳ ଜୟପୁର ଏବଂ ଆଗ୍ରା ଗସ୍ତ କରିବା ସହ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି । ଏହି ଗସ୍ତ ସମୟରେ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ଏବଂ ଭାରତ-ଆମେରିକା ବାଣିଜ୍ୟିକ କାରବାରର  ସମୀକ୍ଷା କରାଯିବ ।

## ବିଜେପି-ଡବ୍ଲ୍ୟୁବି

ପଶ୍ଚିମବଙ୍ଗର ମୁର୍ସିଦାବାଦ୍‌ରେ ସଂଗଠିତ ହିଂସାକାଣ୍ଡ ଘଟଣାର ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ଦ୍ୱାରା ତଦନ୍ତ କରିବା ଲାଗି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି । ଓ୍ୱାକଫ୍ ସଂଶୋଧନ ଆଇନ୍‌କୁ ବିରୋଧ କରି ଘଟିଥିବା ହିଂସାକାଣ୍ଡରେ ପୀଡ଼ିତମାନଙ୍କୁ କ୍ଷତିପୂରଣ ଦେବାକୁ ବିଜେପି ମଧ୍ୟ ଦାବି କରିଛି । ବିଜେପି ରାଜ୍ୟ ସଭାପତି ସୁକାନ୍ତ ମଜୁମ୍‌ଦାର କହିଛନ୍ତି, ହିଂସାକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ଏବଂ ଦୋକାନ ପାଇଁ ରାଜ୍ୟ ସରକାର କ୍ଷତିପୂରଣ ଦେବା ସହ ସେଗୁଡ଼ିକର ମରାମତି କରିବା ଆବଶ୍ୟକ । ସେ ମମତା ବାନାର୍ଜୀ ନେତୃତ୍ୱାଧୀନ ସରକାର ହିଂସାକାଣ୍ଡ ପୀଡ଼ିତ ପରିବାରଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ସହ ପ୍ରତ୍ୟେକ ପରିବାରରୁ ଜଣଙ୍କୁ ସରକାରୀ ଚାକିରି ଯୋଗାଇଦେବାକୁ ଦାବି କରିଛନ୍ତି । ଶ୍ରୀ ମଜୁମ୍‌ଦାର ହିଂସାପୀଡ଼ିତଙ୍କ ସହ ଗତକାଲି କୋଲକାତା ପୁଲିସ୍ ମହାନିର୍ଦ୍ଦେଶକ ରାଜୀବ କୁମାରଙ୍କୁ ସାକ୍ଷାତ କରିଥିଲେ ।

# ସୋନଓ୍ୱାଲ୍-ଆଇଏମ୍ଇସି

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ କହିଛନ୍ତି, ମୈତ୍ରୀ ଭଳି ବନ୍ଦର, ପଣ୍ୟ କାରବାର ଏବଂ ଡିଜିଟାଲ୍ ପ୍ଲାଟ୍‌ଫର୍ମର ବିକାଶ ସହ ଭାରତ ସାମୁଦ୍ରିକ କ୍ଷେତ୍ରରେ ଆଗକୁ ବଢୁଛି ବୋଲି କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡ଼ର ସମ୍ମିଳନୀ ୨୦୨୫କୁ ସମ୍ବୋଧିତ କରି ଶ୍ରୀ ସୋନଓ୍ୱାଲ କହିଛନ୍ତି, ଆଇ.ଏମ୍.ଇ.ସି. ବିଶ୍ୱ ସଂଯୋଗୀକରଣ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ସେ କହିଛନ୍ତି, ଭାରତ, ମଧ୍ୟପ୍ରାଚ୍ୟ ଏବଂ ୟୁରୋପ ମଧ୍ୟରେ ବାଣିଜ୍ୟ ମାର୍ଗକୁ ସ୍ଥାୟୀ ଏବଂ ସୁରକ୍ଷିତ ରଖିବା କ୍ଷେତ୍ରରେ ମଧ୍ୟ ଆଇ.ଏମ୍.ଇ.ସି. ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହା-ସାଗର ଭିଜନ ଅଧୀନରେ ସରକାର ଭିତ୍ତିଭୂମି, ଶକ୍ତି ଏବଂ ତଥ୍ୟକୁ ସମନ୍ୱିତ କରି ଭାରତକୁ ବିଶ୍ୱ ସାମୁଦ୍ରିକ ଶକ୍ତି ଭାବରେ ଉପସ୍ଥାପନ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି, ସ୍ଥିରତା ଏବଂ ସହଯୋଗକୁ ଏହା ପ୍ରୋତ୍ସାହିତ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି ।

# ମାଇନ୍ସ-ଗାଇଡ୍‌ଲାଇନ୍ସ

ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ୍ ଅଧୀନରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ଖଣି ମନ୍ତ୍ରଣାଳୟ ମାର୍ଗଦର୍ଶିକା ଜାରି କରିଛନ୍ତି । ଏଥିରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଗବେଷଣା ଏବଂ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ଉନ୍ନତ ବ୍ୟବସ୍ଥା ଗ୍ରହଣ କରିବା ଉଦ୍ଦେଶ୍ୟ ରହିଛି । ଉନ୍ନତ ଜ୍ଞାନକୌଶଳ ଏବଂ ଇଲେକ୍ଟ୍ରୋନିକ୍ସ, ପ୍ରତିରକ୍ଷା ଓ ମହାକାଶ ଭଳି ରଣନୈତିକ କ୍ଷେତ୍ରଗୁଡ଼ିକରେ ଉନ୍ନତ ବ୍ୟବସ୍ଥା ଆପଣାଇବା ଏହି ଉତ୍କର୍ଷ କେନ୍ଦ୍ରର ମୁଖ୍ୟ ଲକ୍ଷ୍ୟ ହେବ । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ପ୍ରଯୁକ୍ତି ବିଦ୍ୟାର ବିକାଶ, ପ୍ରଦର୍ଶନ ଓ ପ୍ରୟୋଗ ନିମନ୍ତେ ଗବେଷଣା ଏବଂ ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ । ଉତ୍କର୍ଷ କେନ୍ଦ୍ର ଗୁଡ଼ିକ ଏକାଧିକ ଉତ୍ସରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ଉତ୍ତୋଳନ ପ୍ରକ୍ରିୟା ଏବଂ ଗବେଷଣା ଓ ବିକାଶ କାର୍ଯ୍ୟ ପରିଚାଳନା କରିବ । ଏହା ଅଧୀନରେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନ ଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଗବେଷଣା ଓ ବିକାଶ ପାଇଁ ସୁଦୃଢ଼ କରିବା ସହ ସେଗୁଡ଼ିକର ବୈଷୟିକ କ୍ଷମତାକୁ ବୃଦ୍ଧି କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ । ଆଗାମୀ ଦିନରେ ଖଣି କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ନୂତନ ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ଖଣି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଗୋୟଲ୍-ଆଇଏମ୍ଇସି କନ୍‌କ୍ଲେଭ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶିଳ ଅର୍ଥନୀତିରେ ପରିଣତ ହେଉଛି । ଗତକାଲି ନୂଆଦିଲ୍ଲୀରେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡ଼ର ସମ୍ମିଳନୀ ୨୦୨୫କୁ ସମ୍ବୋଧିତ କରି ଶ୍ରୀ ଗୋୟଲ କହିଛନ୍ତି, ଯେଉଁ ଦେଶରେ ନିରପେକ୍ଷ ଚୁକ୍ତି ହୋଇଛି ସେହି ଦେଶଗୁଡ଼ିକ ସହିତ ଭାରତ ବାଣିଜ୍ୟିକ ସମ୍ପର୍କକୁ ବିସ୍ତାର କରୁଛି । ସେ କହିଛନ୍ତି, ସରକାର ଦେଶ ଗୁଡ଼ିକ ସହ ସମ୍ପର୍କ ସୁଦୃଢ଼ କରୁଛନ୍ତି, ଯେଉଁଠାରେ ସନ୍ତୁଳିତ ଓ ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ଭବ ହୋଇପାରିବ । ଏହି ଅବସରରେ ଶ୍ରୀ ଗୋୟଲ କହିଛନ୍ତି, ଓମାନ ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି ରହିଛି ଏବଂ ଅନ୍ୟ କେତେକ ଦେଶ ମଧ୍ୟ ଏହି ପ୍ରକ୍ରିୟାରେ ରହିଥିବା ସେ କହିଛନ୍ତି ।

## ଯାଦବ-ଇକୋ ଫ୍ରେଣ୍ଡଲି

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ରାଓ ଗଣପତ ରାଓ ଯାଦବ ମୁମ୍ବାଇରେ ଖାଦ୍ୟ ବ୍ୟବସାୟ ପାଇଁ ସ୍ଥାୟୀ ପ୍ୟାକେଜିଂ ଶୀର୍ଷକ ଏକ ଜାତୀୟ ଅଂଶିଦାର ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନବ ପ୍ରାଧିକରଣ ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଶ୍ରୀ

ଯାଦବ ଖାଦ୍ୟଦ୍ରବ୍ୟର ସ୍ଥାୟୀ ପ୍ୟାକେଜିଂର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ସେ କହିଥିଲେ, ପ୍ୟାକେଜିଂରେ ପୁନଃ ବ୍ୟବହାର କରାଯାଉଥିବା ପଲିଥିନ୍ ଟେରେଫଥାଲେଟ୍ର ବ୍ୟବହାର ପାଇଁ ସମସ୍ତ ଅଂଶିଦାରଙ୍କ ସହ ବିଚାର ବିମର୍ଷ କରାଯାଇଛି ଏବଂ ବିଶ୍ୱ ସ୍ତରୀୟ ଢାଞ୍ଚା ଅନୁଯାୟୀ ଖାଦ୍ୟ ନିରାପତ୍ତା ଓ ମାନବ ପ୍ରାଧିକରଣ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଯାଦବ ସମସ୍ତ ଅଂଶିଦାରମାନଙ୍କ ସହ ଆଲୋଚନା କରି ଖାଦ୍ୟ ପଦାର୍ଥ ପ୍ୟାକେଜିଂ କ୍ଷେତ୍ରରେ ଉତ୍ତମ ବ୍ୟବସ୍ଥା ଗ୍ରହଣ କରିବା ଲାଗି ପରାମର୍ଶ ଦେଇଥିଲେ । ଏହି ଆଲୋଚନାରେ ଖାଦ୍ୟ ପଦାର୍ଥ ବ୍ୟବସାୟ କରୁଥିବା ଏବଂ ପ୍ୟାକେଜିଂ ଶିଳ୍ପର ପ୍ରାୟ ୧୫୦୦ରୁ ଅଧିକ ଅଂଶିଦାରା ଭାଗ ନେଇଥିଲେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ଶୃଙ୍ଖଳାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସୁପର ଓଭର୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୮୮ରନ୍ ସ୍କୋର କରିଥିଲା ।  ଏହାର ଜବାବରେ ରାଜସ୍ଥାନ ରୟାଲ୍ସର ଯଶସ୍ୱୀ ଜୟସ୍ୱାଲ୍ ଏବଂ ନିତିଶ ରାଣା ଅର୍ଦ୍ଧଶତକ କରିଥିଲେ । ତେବେ ଚଳିତ ଆଇପିଏଲ୍‌ରେ ପ୍ରଥମ ସୁପର ଓଭର ଖେଳାଯାଇଥିଲା । ରାଜସ୍ଥାନ

ରୟାଲ୍ସ ସୁପର ଓଭରରେ ମାତ୍ର ୧୧ରନ୍ ସ୍କୋର୍ କରିବାକୁ ସକ୍ଷମ ହୋଇଥିଲା । ଦିଲ୍ଲୀ କ୍ୟାପିଟାଲ୍ସର ମିଚେଲ୍ ଷ୍ଟାର୍କ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ ।